# NATIONAL NEWS BULLETIN (ODIA)
## 13 January-2025
### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ପ୍ରୟାଗରାଜଠାରେ ଅମୃତ ସ୍ନାନ ସହ ଆରମ୍ଭ ହେଲା ମହାକୁମ୍ଭମେଳା
- ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର କାର୍ଯ୍ୟକାରିତା ଲକ୍ଷ୍ୟରେ ଆଜି କେନ୍ଦ୍ର ସରକାରଙ୍କ ସହ ହେବ ବୁଝାମଣା ।
- ପଞ୍ଚମ ଏସିଆନ୍ ଡିଜିଟାଲ୍ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆଜିଠାରୁ ବ୍ୟାଙ୍କକ୍‌ଠାରେ ଆରମ୍ଭ

ଏବଂ

- ଖୋଖୋ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତା ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ

## ପି.ଏମ୍. - ସୋନମାର୍ଗ ଟନେଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଜମ୍ମୁ-କାଶ୍ମୀରଠାରେ ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ସୁଡ଼ଙ୍ଗ ଶ୍ରୀନଗର ଓ ସୋନମାର୍ଗ ଦେଇ ଲେହକୁ ସବୁଦିନିଆ ସଂଯୋଗ କରିବ । ୧୨ କିଲୋମିଟର ଦୀର୍ଘତା ବିଶିଷ୍ଟ ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ୨ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହି ସୁଡ଼ଙ୍ଗ ଭୂସ୍ଖଳନ ଏବଂ ବରଫ ଅତଡ଼ା ଖସୁଥିବା ବିପର୍ଯ୍ୟରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରି ଲଦାଖ ଅଞ୍ଚଳକୁ ଯାତାୟତ ସୁଗମ କରିବ । ସୋନମାର୍ଗକୁ ଏହା ସବୁଦିନିଆ ରାସ୍ତା ହୋଇଥିବାରୁ ଶୀତଦିନିଆ ପର୍ଯ୍ୟଟନର ବିକାଶ ସହ ଦୁଃସାହସିକ କ୍ରୀଡ଼ା ଏବଂ ସ୍ଥାନୀୟ ଜନସାଧାରଣଙ୍କ ରୋଜଗାର ବୃଦ୍ଧିରେ ସହାୟକ ହେବ । ବିଶେଷକରି ଶ୍ରୀନଗର ଉପତ୍ୟକା ସହ ଲଦାଖ ଅଞ୍ଚଳର ଯୋଗାଯୋଗ ସହଜ ହୋଇପାରିବ । ଏହାଫଳରେ ଜମ୍ମୁ ଓ କାଶ୍ମୀର ମଧ୍ୟରେ ସେନାବାହିନୀର ଯାତାୟତ, ଅର୍ଥନୈତିକ ବିକାଶ ଏବଂ ସାମାଜିକ-ସାଂସ୍କୃତିକ ଏକତା ବୃଦ୍ଧି ପାଇବ । ଏହି ଅବସରରେ ପ୍ରଧାନମନ୍ତ୍ରୀ  ସୁଡ଼ଙ୍ଗ ପ୍ରକଳ୍ପରେ ନିୟୋଜିତ ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ମତ ବିନିମୟ କରିବେ ।

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆଜି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହିତ ମହାକୁମ୍ଭମେଳା ଆରମ୍ଭ ହୋଇଛି ।  ଗଙ୍ଗା, ଯମୁନା ଓ

ସରସ୍ୱତୀ ନଦୀର ସଙ୍ଗମସ୍ଥଳୀ ତ୍ରିବେଣୀଠାରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି । ମହାକୁମ୍ଭରେ ଯୋଗ ଦେବା ପାଇଁ ଦେଶ ବିଦେଶରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରୟାଗରାଜରେ ପହଞ୍ଚିବାରେ ଲାଗିଛନ୍ତି । ଆସନ୍ତା ମାସ ୨୬ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଏହା ଚାଲିବ । ୧୪୪ ବର୍ଷରେ ମାତ୍ର ଥରେ ପଡୁଥିବା ବିରଳ ସଂଯୋଗ ଚଳିତବର୍ଷର ମହାକୁମ୍ଭ ମେଳାର ବିଶେଷତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ବୁଡ଼ ପକାଇବା ସହିତ ଶ୍ରଦ୍ଧାଳୁ ସଙ୍ଗମରେ କଳ୍ପବାସର ପ୍ରାଚୀନ ପରମ୍ପରାକୁ ପାଳନ କରୁଛନ୍ତି । ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ କଳ୍ପବାସ ପାଳନକୁ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ନିର୍ବାହ କରିବେ । ମହାକୁମ୍ଭକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରିବା ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଗତକାଲି ପ୍ରୟାଗରାଜରେ କଳାଗ୍ରାମକୁ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ୪୫ ଦିନ ମଧ୍ୟରେ କଳାଗ୍ରାମରେ ୧୪ହଜାରରୁ ଅଧିକ କଳାକାର ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ ।

# ଲୋହରୀ

କୃଷିଭିତ୍ତିକ ପର୍ବ ଲୋହରୀ ଆଜି ଉତ୍ତରଭାରତ ବିଶେଷକରି ପଞ୍ଜାବ, ହରିଆଣା, ହିମାଚଳପ୍ରଦେଶ, ଦିଲ୍ଲୀ, ଜମ୍ମୁ ଏବଂ ଚଣ୍ଡୀଗଡ଼ରେ ପାଳନ କରାଯାଉଛି । ପ୍ରଚଳିତ ପ୍ରଥା ଅନୁଯାୟୀ ଲୋକମାନେ ସୌଭାଗ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ନିଆଁ ଜାଳି ପର୍ବ ପାଳନ କରିଥାନ୍ତି । ଏହି ପର୍ବ ମୁଖ୍ୟତଃ

ଫସଲ ଅମଳ ସହିତ ଜଡ଼ିତ । ଲୋହରୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅଭିନନ୍ଦନ ଜଣାଇଛନ୍ତି ।

## ଜୟଶଙ୍କର-ସ୍ପେନ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ସ୍ପେନ୍ ଗସ୍ତରେ ଯିବେ । ଡକ୍ଟର ଜୟଶଙ୍କରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ଏହା ହେବ ପ୍ରଥମ ସ୍ପେନ୍ ଗସ୍ତ । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସ୍ପେନ୍‌ର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶ ଗ୍ରହଣ କରିବେ । ସ୍ପେନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନୁଏଲ୍ ଆଲ୍‌ବାରେସ୍‌ଙ୍କ ସହିତ ପାରସ୍ପରିକ ସ୍ୱାର୍ଥସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସ୍ପେନ ରାଷ୍ଟ୍ରଦୂତମାନଙ୍କ ନବମ ବାର୍ଷିକ ସମ୍ମିଳନୀକୁ ଡକ୍ଟର ଜୟଶଙ୍କର ସମ୍ବୋଧନ କରିବା ସହ ଭାରତୀୟ ସଂପ୍ରଦାୟଙ୍କ ସହ ମତ ବିନିମୟ କରିବେ ।

## ଆୟୁଷ୍ମାନ ଭାରତ

ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ସହ ଓଡ଼ିଶା ସରକାର ଆଜି ବୁଝାମଣାପତ୍ର ସ୍ୱାକ୍ଷର କରିବେ । ବିଜ୍ଞାନ ଭବନରେ ଅପରାହ୍ନରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ବୁଝାମଣାପତ୍ର

ସ୍ୱାକ୍ଷରିତ ହେବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଥାଇଲାଣ୍ଡ ଏଡିଜିମିନ୍

ପଞ୍ଚମ ଏସିଆନ୍ ଡିଜିଟାଲ୍ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆଜିଠାରୁ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଆରମ୍ଭ ହେଉଛି । ଏସିଆନ୍ ରାଷ୍ଟ୍ରଗୁଡ଼ିକ ଏଥିରେ ଡିଜିଟାଲ ନୀତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବେ । ଭାରତ, ଚୀନ୍, ଜାପାନ, ଦକ୍ଷିଣ କୋରିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନ୍ୟାନ୍ୟ ସହଯୋଗୀ ରାଷ୍ଟ୍ର ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଏସିଆର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତ ଗଠନ ଦିଗରେ ସୁରକ୍ଷିତ ଅଭିନବ ଅନ୍ତର୍ଭୁକ୍ତ ପଦକ୍ଷେପ ।** ସାଇବର ନିରାପତ୍ତା, ବୈଷୟିକ ଅଭିନବତାକୁ ପ୍ରୋତ୍ସାହନ ପ୍ରଦାନ ଏବଂ ପ୍ରଯୁକ୍ତିବିଦ୍ୟାର ସହଜ ଉପଲବ୍ଧ ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ୧୦ଟି ଏସିଆନ ଦେଶର ମନ୍ତ୍ରୀସ୍ତରୀୟ ପ୍ରତିନିଧି ଏଥିରେ ଯୋଗ ଦେବେ ।

# ଭିପି-ଶିକ୍ଷକ ସମ୍ମିଳନୀ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଯୁବବର୍ଗ ଦୃଢ଼ ଇଚ୍ଛାଶକ୍ତି ବଳରେ ନିଜ ସ୍ୱପ୍ନକୁ ସାକାର କରିପାରିବେ । ଅର୍ଥନୈତିକ ବିକାଶ ଏବଂ ଲୋକଙ୍କ ଆକାଂକ୍ଷା ସଂପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ସାଧାରଣ ନାଗରିକ ବିକାଶର ସ୍ୱାଦ ଚାଖିଛନ୍ତି । ଗୁରୁଗ୍ରାମ ସାଇବର ପାର୍କ ସ୍ଥିତ ପରିଚାଳନା ଶିକ୍ଷା ଅନୁଷ୍ଠାନ ମାଷ୍ଟର୍ସ ୟୁନିୟନ୍‌ର ଚତୁର୍ଥ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଧନଖଡ଼ ଏହା କହିଛନ୍ତି । ଦେଶର ଶାସନ ପ୍ରଣାଳୀରେ ଯୁବବର୍ଗ ସବୁଠାରୁ ପ୍ରଭାବଶାଳୀ ଅଂଶୀଦାର ହୋଇପାରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାମୁକ୍ତ ଭାରତ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଯକ୍ଷ୍ମା ବିଭାଗର ଉପ-ମହାନିର୍ଦ୍ଦେଶକ ପ୍ରଫେସର ଉର୍ବସୀ ବି. ସିଂହ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ଯକ୍ଷ୍ମା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ ।

ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

## ଖୋଖୋ

ଖୋଖୋ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତା ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ ହେବ । ପୁରୁଷ ଏବଂ ମହିଳା ବର୍ଗରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଭାରତୀୟ ଖୋଖୋ ଫେଡେରେସନ ପକ୍ଷରୁ ଶହି ପ୍ରତିଯୋଗିତା ପାଇଁ ୧୫ଜଣିଆ ପୁରୁଷ ଏବଂ ମହିଳା ଦଳ ଘୋଷଣା କରାଯାଇଛି । ଆସନ୍ତା ୧୯ ତାରିଖରେ ଉଭୟ ବର୍ଗରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ପୁରୁଷ ବର୍ଗରେ ଆଜି ଭାରତ ଏବଂ ନେପାଳ ମଧ୍ୟରେ ରାତି ସାଢ଼େ୮ଟାରେ ମ୍ୟାଚ୍ ଖେଳାଯିବ । ପୁରୁଷ ବର୍ଗରେ ଭାରତ ସମେତ ୨୦ଟି ଦଳ ଏବଂ ମହିଳା ବର୍ଗରେ ୧୯ଟି ଦଳ ଅଂଶ ଗ୍ରହଣ କରୁଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତା ଗତକାଲିଠାରୁ ଝାଡ଼ଖଣ୍ଡର ରାଞ୍ଚିଠାରେ ଆରମ୍ଭ ହୋଇଛି । ଜୟପାଲ ସିଂ ଷ୍ଟାଡିୟମଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ ୪-୦ ଗୋଲ୍‌ରେ ଦିଲ୍ଲୀ

ଏସ୍.ଜି. ପାଇପର୍ସଙ୍କୁ ହରେଇ ଦେଇଛି । ଏହି ବିଜୟ ସହ ଓଡ଼ିଶା ଓ୍ୱାରିୟର୍ସ ୩ ପଏଣ୍ଟ ହାସଲ କରିଛି । ଓଡ଼ିଶା ଦଳର ଓ୍ୱିବି ଜାନସେନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ଶ୍ରାଚି ରାହା ବେଙ୍ଗଲ୍ ଟାଇଗର୍ସ ଏବଂ ଜେ.ଏସ୍.ଡବ୍ଲୁ ସୁର୍ମା ହକି କ୍ଲବ୍ ମଧ୍ୟରେ ସନ୍ଧ୍ୟା ୬ଟାରେ ରାଞ୍ଚିଠାରେ ମ୍ୟାଚ୍ ଖେଳାଯିବ ।

ପୁରୁଷ ବର୍ଗ ପ୍ରତିଯୋଗିତାରେ ହାଇଦ୍ରାବାଦ ତୋଫାନ୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ’ ବେଦାନ୍ତ କଳିଙ୍ଗ ଲାନ୍ସର୍ସଙ୍କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ହାଇଦ୍ରାବାଦର ଅର୍ଶଦୀପ ସିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହ ହାଇଦ୍ରାବାଦ ତୋଫାନ୍ସ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ।

ଆଜି ରାତି ୮ଟା୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

## ଆଇଏସ୍ଏଲ୍ ଫୁଟ୍‌ବଲ

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଗତକାଲି ଜାମସେଦପୁର ଏଫ୍‌ସି ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି । ମୁମ୍ବାଇ ଫୁଟବଲ୍ ଆରେନା ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାମସେଦପୁର’ ମୁମ୍ବାଇ ସିଟି ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟୀ

ହୋଇଛି । ଆଜି କେରଳା ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ରାତି ସାଢ଼େ୭ଟାରେ ମୁକାବିଲା ହେବ ।

## ୱିମେନ୍ କ୍ରିକେଟ୍

ଭାରତ-ଆୟାର୍ଲାଣ୍ଡ ମହିଳା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌କୁ  ଭାରତ ୧୧୬ ରନ୍‌ରେ ଜିତିଛି ।  ଏହି ବିଜୟ ସହ ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି । ଗୁଜରାଟର ରାଜକୋଟସ୍ଥିତ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଆୟାରଲ୍ୟାଣ୍ଡକୁ ୧୧୬ ରନ୍‌ରେ ପରାସ୍ତ କରିଛି ।

ଭାରତ ପକ୍ଷରୁ ଜେମିମାଥ ରୋଡିଗ୍ ସର୍ବାଧିକ ୯୧ ବଲ୍‌ରେ ୧୦୨ ରନ୍ ସଂଗ୍ରହ କରିଥିଲେ । ସେହିପରି ଦୀପ୍ତି ଶର୍ମା ଆୟାର୍ଲାଣ୍ଡ ବିପକ୍ଷରେ ୩ଟି ୱିକେଟ୍ ଆକ୍ତିଆର କରିଥିଲେ । ଆୟାର୍ଲାଣ୍ଡ ପକ୍ଷରୁ କଲ୍‌ଟର ରେଲି ସର୍ବାଧିକ ୧୧୩ ବଲ୍‌ରେ ୮୦ ରନ ସଂଗ୍ରହ କରିଥିଲେ ।

ଆସନ୍ତା ୧୫ ତାରିଖରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।